# NATIONAL NEWS BULLETIN (ODIA)

## 29th January - 2025

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଜିତେନ୍ଦ୍ର କୁମାର ନାୟକ**

## ମୁଖ୍ୟ ସମ୍ବାଦ

- ଅର୍ଥନୀତିର ବିକାଶ ସହିତ ସବୁଜ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବାଲାଗି 'ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ୍'କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।
- ନୂଆଦିଲ୍ଲୀର ବିଜୟଚୌକ୍‌ଠାରେ ଆଜି ବିଟିଂ ରିଟ୍ରିଟ୍ ବା ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ।
- ସଂସଦର ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ।
- ପରିବେଶ ସନ୍ତୁଳନକୁ ବଜାୟ ରଖି ଔଦ୍ୟୋଗିକ ବିକାଶ ଦିଗରେ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କଲେ ଓଡ଼ିଶା ସରକାର ।

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ରାତି ୮ଟା ୧୫ ମିନିଟ୍‌ରେ ୟୁ.ପି. ରୁଦ୍ରସ୍ ଓ ତାମିଲ୍‌ନାଡୁ ଡ୍ରାଗନ୍ସ ମଧ୍ୟରେ ହେବ ମୁକାବିଲା ।

## କ୍ୟାବିନେଟ ଡିସିସନ୍‌ସ

କେନ୍ଦ୍ର କ୍ୟାବିନେଟ୍ ଆଜି ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ - National Critical Mineral Missionକୁ ଅନୁମୋଦନ କରିଛନ୍ତି । ଏଥିଲାଗି ୩୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । କେନ୍ଦ୍ର କ୍ୟାବିନେଟ୍ ବୈଠକ ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଅର୍ଥନୀତିର ବିକାଶ ଦିଗରେ ଏହିସବୁ ଖଣିଜ ପଦାର୍ଥ ଗୁରୁତ୍ୱ ବହନ କରେ । ସବୁଜ ଜ୍ଞାନକୌଶଳକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ବଳର ଏକ ସ୍ଥାୟୀ ମୂଲ୍ୟଭିତ୍ତିକ ଶୃଙ୍ଖଳ ସ୍ଥାପନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଶକ୍ତି ରୂପାନ୍ତରଣ, କୃଷି, ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ସ, ଟେଲିଯୋଗଯୋଗ, ପରିବହନ, ଏରୋସ୍ପେସ୍, ଆଣବିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଏହି ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତି ପ୍ରମୁଖ ଭୂମିକା ନିର୍ବାହ କରିବ । ଏହା ଖଣିଜ ଦ୍ରବ୍ୟ

ଉତ୍ତୋଳନକୁ ବୃଦ୍ଧି କରିବା ସହିତ ଏକ୍ଷେତ୍ରରେ ଆମଦାନୀକୁ ହ୍ରାସ କରିବାରେ ମିଶନ ବିଶେଷ ସହାୟକ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଆଜି କ୍ୟାବିନେଟ୍ ନେଇଥିବା ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆଖୁ ଫିଡ୍‌ଷ୍ଟକ୍‌ରୁ ଇଥାନଲ୍ ପ୍ରସ୍ତୁତି ଲାଗି ମୂଲ୍ୟ ସମ୍ପର୍କିତ ଏକ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ଏହି ଫିଡ୍‌ଷ୍ଟକ୍ ମଧ୍ୟରେ ଉଭୟ ବି' ଓ ସି' ବର୍ଗର ଗୁଡ଼, ଆଖୁରସ, ଚିନି ଓ ଦୋରୁଅ ଆଦି ଅନ୍ତର୍ଭୁକ୍ତ । ସି' ବର୍ଗର ଗୁଡ଼ ଲାଗି ଲିଟର ପିଛା ୫୭ ଟଙ୍କା ୯୭ ପଇସା ଏବଂ ବି' ବର୍ଗ ଲାଗି ୬୦ ଟଙ୍କା ୭୩ ପଇସା  ନିର୍ଦ୍ଧାରିତ ହୋଇଛି । ଏହାଛଡ଼ା କ୍ୟାବିନେଟ୍ ଆଖୁରସ, ଚିନି ଓ ଦୋରୁଅରୁ ବାହାରୁଥିବା ଇଥାନଲ୍ ଲାଗି ଲିଟର ପିଛା ୬୫ ଟଙ୍କା ୬୧ ପଇସା ନିର୍ଦ୍ଧାରଣ କରିଛନ୍ତି ।  ଶ୍ରୀ ବୈଷ୍ଣବ କହିଛନ୍ତି, ଇଥାନଲ୍ ବ୍ଲେଣ୍ଡିଂ ପ୍ରକ୍ରିୟା ଦେଶର ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହାଦ୍ୱାରା ପ୍ରାୟ ୧ ଲକ୍ଷ ୧୩ ହଜାର କୋଟି ଟଙ୍କା ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ସଞ୍ଚୟ କରାଯାଇପାରିଛି । ସେହିଭଳି କୃଷକମାନେ ମଧ୍ୟ ଏହି ବ୍ଲେଣ୍ଡିଂ ପ୍ରକ୍ରିୟାଦ୍ୱାରା ଉପକୃତ ହୋଇଛନ୍ତି । ଏତଦ୍‌ବ୍ୟତୀତ ଗତ ଇଥାନଲ୍ ଯୋଗାଣ ବର୍ଷରେ ୪୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା କୃଷକମାନଙ୍କୁ ପ୍ରଦାନ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ବିଟିଂ ରିଟ୍ରିଟ୍

ନୂଆଦିଲ୍ଲୀର ବିଜୟଚୌକ୍‌ଠାରେ ଆଜି ବିଟିଂ ରିଟ୍ରିଟ୍ ବା ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏଥିରେ ଯୋଗ ଦେଇଛନ୍ତି। ଆମ ସମ୍ବାଦଦାତାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ଏହି ସମାରୋହରେ ସ୍ଥଳସେନା, ନୌସେନା, ବାୟୁସେନା ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀର ବ୍ୟାଣ୍ଡଗୁଡ଼ିକ ପକ୍ଷରୁ ବିଭିନ୍ନ ଧୁନ୍ ପରିବେଷଣ କରାଯାଉଛି । 'କଦମ୍ କଦମ୍ ବଢ଼ାଏ ଯା' ଧୁନ୍‌ରୁ ଏହି କାର୍ଯ୍ୟକ୍ରମର ଆରମ୍ଭ ହୋଇ 'ଅମର ଭାରତୀ', 'ଇନ୍ଦ୍ରଧନୁଷ୍', 'ଜୟ ଜନମ୍‌ଭୂମି', 'ବୀର ସିଆଚେନ୍' ଆଦି ଲୋକପ୍ରିୟ ଧୁନ୍‌କୁ ସେନାର ବ୍ୟାଣ୍ଡ୍ ପରିବେଷଣ କରିଛନ୍ତି । 'ସାରେ ଜାହାଁସେ ଆଛା' ଲୋକପ୍ରିୟ ସଂଗୀତ ଧୁନ୍‌ରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଛି ।

# ଅଲ୍ ପାର୍ଟି ମିଟ୍

ସଂସଦର ବଜେଟ୍ ଅଧିବେଶନ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବ । ଏହାର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ବର୍ଷ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ ।

ଆଗାମୀ ବଜେଟରେ ଘରୋଇ ଏବଂ ବୈଶ୍ୱିକ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ସରକାର ଅର୍ଥନୈତିକ ଏବଂ ବିତ୍ତୀୟ ରଣନୀତି ଉପରେ ପ୍ରାଥମିକତା ପ୍ରଦାନ  କରାଯିବା ନେଇ ଆଶା କରାଯାଉଛି । ଦେଶରେ ସୁଦୃଢ଼ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଅଭିବୃଦ୍ଧି, ନିଯୁକ୍ତି ସୁଯୋଗ ଏବଂ ବିତ୍ତୀୟ ସଚେତନତା ଉପରେ ସରକାର ପ୍ରାଧାନ୍ୟ ଦେବେ ବୋଲି ସାଧାରଣ ଜନତାଙ୍କର ଆଶା ରହିଛି ।

ବଜେଟ ଉପସ୍ଥାପନ ପୂର୍ବରୁ ଆକାଶବାଣୀ ସମ୍ବାଦ ବିଭାଗ ଏକ ସ୍ୱତନ୍ତ୍ର ଧାରାବାହିକରେ ବିଶେଷଜ୍ଞ ଏବଂ ଜନତାଙ୍କଠାରୁ ଏ ନେଇ ମତାମତ ଗ୍ରହଣ କରିଛି । ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ଶିକ୍ଷା ଷ୍ଟାର୍ଟଅପ୍‌ର ସହପ୍ରତିଷ୍ଠାତା ଯଶୋଓ୍ୱନ୍ତ ଚିତ୍ୟାଲା କହିଛନ୍ତି, ଛାତ୍ରଛାତ୍ରୀଙ୍କ ଦକ୍ଷତା ପ୍ରଶିକ୍ଷଣ ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିବାର ଆବଶ୍ୟକତା ରହିଛି ।

# ଦିଲ୍ଲୀ - କ୍ୟାମ୍ପେନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଲାଗି ଆସନ୍ତା ମାସ ୫ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବାରୁ ବର୍ତ୍ତମାନ ସେଠାରେ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଜାତୀୟ ରାଜଧାନୀରେ ବି.ଜେ.ପି., ଆମ୍ ଆଦ୍‌ମୀ ପାର୍ଟି ଏବଂ କଂଗ୍ରେସ ପକ୍ଷରୁ ରୋଡ୍‌ଶୋ', ର୍‍ୟାଲି, ଜନ ସମାବେଶ ଆଦି କରାଯାଇ ଭୋଟରମାନଙ୍କୁ ନିଜ ନିଜ ପ୍ରାର୍ଥୀ ସପକ୍ଷରେ ଆକୃଷ୍ଟ କରିବାର ଲକ୍ଷ୍ୟ କରାଯାଉଛି ।

ଏ ସମ୍ପର୍କରେ ଅମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ଏହି ୩ ଦଳର ପ୍ରମୁଖ ନେତାମାନେ ନୂଆଦିଲ୍ଲୀର ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ଜୋର୍‌ଦାର କରିଛନ୍ତି । ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀର କର୍ତ୍ତାର ନଗରରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଯମୁନା ନଦୀ ସମ୍ପର୍କରେ ଆମ୍ ଆଦ୍‌ମୀ ପାର୍ଟି ମିଛ ପ୍ରଚାର କରୁଥିବାର ଅଭିଯୋଗ କରିଛନ୍ତି । ଏଥିସହିତ ଦିଲ୍ଲୀବାସୀଙ୍କ ଏହି ଦଳ ମିଥ୍ୟା ପ୍ରତିଶ୍ରୁତି ଦେଉଛି ବୋଲି ଶ୍ରୀ ମୋଦି କହିଛନ୍ତି ।

ସେହିଭଳି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଆଜି ବି.ଜେ.ପି. ପ୍ରାର୍ଥୀଙ୍କ ସପକ୍ଷରେ ବାଦାରପୁର ଅଞ୍ଚଳରେ ପ୍ରଚାର କରିଛନ୍ତି ।

ଇତିମଧ୍ୟରେ ଦିଲ୍ଲୀବାସୀଙ୍କ ଲାଗି ବିନାମୂଲ୍ୟରେ ସ୍ୱାସ୍ଥ୍ୟବୀମା ପ୍ରଦାନ କରିବ ବୋଲି କଂଗ୍ରେସ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇଛି ।

ସେହିଭଳି ଆମ୍ ଆଦ୍ମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲ୍ ଆଜି ବଦ୍‌ଲି ଓ ତିମରପୁର ଅଞ୍ଚଳରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗ୍‌ୱନ୍ତ ମାନ୍ ବିକାଶପୁରୀ, ତିଲକ ନଗର ଓ ରାଜୌରୀ ଗାର୍ଡ଼େନ୍‌ଠାରେ ଆୟୋଜିତ ରୋଡ୍‌ଶୋ'ରେ ଭାଗ ନେଇଥିଲେ । ନିର୍ବାଚନ ପାଖେଇ ଆସୁଥିବାରୁ ଦିଲ୍ଲୀରେ ରାଜନୈତିକ ଉଷ୍ମତା କ୍ରମଶଃ ବୃଦ୍ଧି ପାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଉତ୍କର୍ଷ ଓଡ଼ିଶା

ପରିବେଶ ସନ୍ତୁଳନକୁ ବଜାୟ ରଖି ଔଦ୍ୟୋଗିକ ବିକାଶ କରିବା ଦିଗରେ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ଦ୍ୱିତୀୟ ଦିନରେ ଅନୁଷ୍ଠିତ ଅଧିବେଶନରେ ଯୋଗଦେଇ ଶ୍ରୀ ସିଂଦେଓ କହିଛନ୍ତି, ଓଡ଼ିଶା ଶକ୍ତିକ୍ଷେତ୍ରରେ ବିକାଶ ପାଇଁ ଏକ ବ୍ୟାପକ ଏବଂ ଭବିଷ୍ୟତ ଚିନ୍ତାଧାରାର ଆଭିମୁଖ୍ୟ ଗ୍ରହଣ କରିଛି। ଏହି ସମ୍ମିଳନୀରେ ଶିଳ୍ପପତିମାନେ ରାଜ୍ୟରେ ଶକ୍ତିକ୍ଷେତ୍ରରେ ୪ ଲକ୍ଷ ୩୩ ହଜାର କୋଟି ଟଙ୍କାର ନିବେଶ ପାଇଁ ଇଚ୍ଛା ପ୍ରକାଶ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ମିଳିଛି।

ସେହିପରି 'ଉତ୍କର୍ଷ ଓଡ଼ିଶା– ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀରେ ୧୬ଟି ବିଭାଗରେ ମୋଟ୍ ୧୩୦ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ଏହାଦ୍ୱାରା ରାଜ୍ୟରେ ୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜିନିବେଶ ସମ୍ଭାବନା ରହିଛି ବୋଲି ଶିଳ୍ପ ବିଭାଗ ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି।

## ମହାକୁମ୍ଭ – ଆଖଡ଼ା

ମୌନୀ ଅମାବାସ୍ୟା ଅବସରରେ ଆଜି ତ୍ରିବେଣୀ ସଙ୍ଗମଠାରେ ଅମୃତ ସ୍ନାନ ଅନୁଷ୍ଠିତ ହୋଇଛି । ବିଭିନ୍ନ ଆଖଡ଼ାର ସାଧୁସନ୍ଥଙ୍କ ସମେତ କୋଟି କୋଟି ଶ୍ରଦ୍ଧାଳୁ ଆଜି ସେଠାରେ ବୁଡ଼ ପକାଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ଣ ୨ଟା ମଧ୍ୟରେ ୫ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବିଶ୍ୱର ଏହି ସର୍ବବୃହତ୍ ମହାକୁମ୍ଭମେଳାରେ ବୁଡ଼ ପକାଇଛନ୍ତି ବୋଲି ଜଣାଯାଇଛି । ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ଆଜି ପର୍ଯ୍ୟନ୍ତ ପ୍ରାୟ ୨୫ କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଛନ୍ତି ।

ଅନ୍ୟପକ୍ଷରେ ଗତକାଲି ରାତି ଗୋଟାଏରୁ ୨ଟା ମଧ୍ୟରେ ପ୍ରୟାଗରାଜର ମହାକୁମ୍ଭ ଆଖଡ଼ାମାର୍ଗ ଅବରୋଧକୁ ଅତିକ୍ରମ କରିବା ସମୟରେ ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିବା ନେଇ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି । ସେ କହିଛନ୍ତି, ଆହତଙ୍କୁ ତୁରନ୍ତ ଚିକିତ୍ସାଳୟ ନିଆଯାଇ ସେଠାରେ ସେମାନଙ୍କର ଚିକିତ୍ସା କରାଯାଉଛି । ପ୍ରାୟାଗରାଜରେ

ଚାଲିଥିବା ମହାକୁମ୍ଭର ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତର ତାଙ୍କ ସହିତ ଯୋଗାଯୋଗରେ ରହି ଖବର ନେଉଛନ୍ତି ବୋଲି ଶ୍ରୀ ଯୋଗୀ କହିଛନ୍ତି ।

ଆସନ୍ତା ମାସ ୨୬ ତାରିଖ ଶିବରାତ୍ରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହାକୁମ୍ଭମେଳାରେ ଯୋଗଦେବା ଲାଗି ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି । କେବଳ ଆଜି ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଅମୃତ ସ୍ନାନ ଲାଗି ରେଳବାଇ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଲାଗି ୧୯୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି ।

## ଝାଡ଼ଖଣ୍ଡ ନକ୍ସଲ୍

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲାର ସୋନୁଭା ଥାନା ଅଞ୍ଚଳରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୨ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଶୁତୋଷ ଶେଖର କହିଛନ୍ତି, ଏହି ଗୁଳି ବିନିମୟ ଘଟଣାରେ ଅନେକ ମାଓବାଦୀ ଆହତ ହେବା ସହିତ ସେଠାରେ ତଲାସୀ ଅଭିଯାନ ଜାରି ରହିଛି । ସୁରକ୍ଷା କର୍ମୀଙ୍କ ଉପରେ ସି.ପି.ଆଇ. ମାଓବାଦୀମାନେ ଆକ୍ରମଣ କରିବେ ବୋଲି ଗୁଇନ୍ଦା ସୂଚନା ମିଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ସମୟରେ ମାଓବାଦୀଙ୍କ ପକ୍ଷରୁ

ପ୍ରଥମେ ଗୁଳିଚାଳନା କରାଯିବା ପରେ ସୁରକ୍ଷାବାହିନୀ ଏହାର ପାଲଟା ଜବାବ ଦେଇଥିଲା ବୋଲି ଏସ୍.ପି. କହିଛନ୍ତି ।

## ଟ୍ରମ୍ପ - ନେତାନ୍ୟାହୁ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ସପ୍ତାହରେ ହ୍ୱାଇଟ୍ ହାଉସ୍‌ଠାରେ ଏକ ବୈଠକ ପାଇଁ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଆମନ୍ତ୍ରଣ କରିଛନ୍ତି । ଶ୍ରୀ ନେତାନ୍ୟାହୁ ଏକ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଯେ ସେ ଆସନ୍ତା ମାସ ୪ ତାରିଖରେ ଆମେରିକାର ରାଷ୍ଟ୍ରପତିଙ୍କୁ ଭେଟିବେ । ଇସ୍ରାଏଲ୍ ଏବଂ ଏହାର ପଡ଼ୋଶୀମାନଙ୍କ ପାଇଁ ଶାନ୍ତି ସ୍ଥାପନ ଏବଂ ଶତ୍ରୁମାନଙ୍କୁ ମୁକାବିଲା କରିବା ପାଇଁ ଉଦ୍ୟମ ସଂପର୍କରେ ଆଲୋଚନା କରିବାକୁ ଆମେରିକା ରାଷ୍ଟ୍ରପତିଙ୍କ ଚିଠିରେ ଉଲ୍ଲେଖ ରହିଛି । ଶ୍ରୀ ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଦାୟିତ୍ୱ ଗ୍ରହଣ କରିବା ପରେ ହ୍ୱାଇଟ୍ ହାଉସ୍ ଗସ୍ତରେ ଶ୍ରୀ ନେତାନ୍ୟାହୁ ପ୍ରଥମ ନେତୃବୃନ୍ଦ ହେବେ ।

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗର ଆଜିକାର ଏକ ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ୍ ଓ ଶ୍ରାଚି ରାଢ଼

ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ମୁକାବିଲା ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ସୁର୍‌ମା ହକି କ୍ଲବ୍ ୧-୦ ଗୋଲ୍‌ରେ ଆଗୁଆ ରହିଛି ।

ସେହିଭଳି ଆଜି ରାତି ୮ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ୍ ଓ ତାମିଲ୍‌ନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ ।

ଆଜିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ୍ ତାଲିକା ଚୂଡ଼ାନ୍ତ ହେବ ।

*****